# Akashvani, Sambalpur

## SAMBALPURI NEWS EVENING BULLETIN

**20 October 2024- 7.02 pm- 7.12 pm.**

********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମଙ୍ଗଲ୍‌ବାର୍ ନୂଆଦିଲ୍ଲୀ ନ ଦେବେ ପଂଚମ ଜାତୀୟ ଜଳ ପୁରସ୍କାର୍ ।

- ଶ୍ରେଷ୍ଠ ରାଜ୍ୟ ବର୍ଗ ନ ଓଡ଼ିଶାକେ ମିଲ୍‌ବା ପହେଲା ପୁରସ୍କାର୍ ।

୨- ପୁରୀ ବୃନ୍ଦାବତୀ ଶିବିର ନ ହବିଷ୍ୟାଲୀ ମାନ୍‌କୁ ଭେଟ୍‌ଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ବରିଷ୍ଠ ନାଗରିକ୍‌ମାନ୍‌କର୍ ସ୍ୱାସ୍ଥ୍ୟବୀମାଥି ପୁରା ଛାଡ୍ ହେବା ଜିଏସ୍‌ଟି - ମନ୍ତ୍ରୀ ସ୍ତରୀୟ କମିଟି କରିଛେ ସୁପାରିଶ୍ ।

୪- ବଲାଙ୍ଗିର୍ ସହେତେ ରାଜ୍ୟର୍ ୭ ଟା ମେଡ଼ିକାଲ୍ କଲେଜ୍ ପରିସର ନ ଖୁଲ୍‌ବା ନର୍ସିଂ କଲେଜ୍ - କେନ୍ଦ୍ର ସର୍‌କାର୍‌ଙ୍କୁ ଦିଆଯାଇଛେ ପ୍ରସ୍ତାବ୍ ।

ଆଉର୍

୫- ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ଲାଗି ରାଜ୍ୟ ସର୍‌କାର୍ ଅଛନ୍ ପ୍ରସ୍ତୁତ୍- କହେଲେ ରାଜସ୍ୱ ମନ୍ତ୍ରୀ ।

- ବିଲ୍‌କୁଲ୍ ଆତଙ୍କିତ୍ ନାଇଁ ହେବାର୍‌କେ କଲେ ନିବେଦନ୍ ।

ଜାତୀୟ ଜଳ ପୁରସ୍କାର ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ମଙ୍ଗଲ୍‌ବାର୍ ନୂଆଦିଲ୍ଲୀ ନ ପଂଚମ ଜାତୀୟ ଜଳ ପୁରସ୍କାର୍ ୨୦୨୩ ପ୍ରଦାନ୍ କର୍‌ବେ । ହେଥିର୍‌ଲାଗି ଜଲ୍‌ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ୯ ଟା ବର୍ଗ ରାଜ୍ୟ, ଜିଲ୍ଲା, ଗ୍ରାମ୍‌ପଂଚାୟତ୍, ସହରାଂଚଲ୍ ସ୍ୱାୟତ ଶାସନ୍ ସଂସ୍ଥା, ଜଳ ଉପଭୋକ୍ତା ସଂଘ ଆର୍ ନାଗରିକ୍ ସମାଜ୍ ଲାଗି ୩୮ ଟା ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ଶ୍ରେଷ୍ଠ ରାଜ୍ୟ ବର୍ଗ ନ ଓଡ଼ିଶା ପହେଲା ପୁରସ୍କାର୍ ପାଏବାର୍‌କେ ମନୋନୀତ୍ ହେଇଥିବାର୍ ବେଲେ ଉତର୍‌ପ୍ରଦେଶ୍ ଦ୍ୱିତୀୟ, ଗୁଜୁରାଟ୍ ଆର୍ ପୁଡୁଚେରୀ ମିଲିତ୍ ଭାବେ ତୃତୀୟ ପୁରସ୍କାର୍ ପାଏବେ । ଜଳ ପରିଚାଳନା ଆର୍ ସଂରକ୍ଷଣ୍ ବାବ୍‌ଦେ ଜାତୀୟସ୍ତର ନ ସଚେତନତା ସୃଷ୍ଟି କର୍‌ବାର୍ ଲକ୍ଷ୍ୟଥି ଇ ପୁରସ୍କାର୍ ଥାପ୍‌ନା କରାଯାଇଛେ ବଲି ଜଲଶକ୍ତି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଇଥର ପ୍ରବାସୀ ଭାରତୀୟ ଦିବସ ସମାବେଶ୍ ଓଡ଼ିଶା ନ ହେବା । ଆଏବା ୨୦୨୫ ମସିହା ଜାନୁଆରୀ ୮ ନୁ ୧୦ ତାରିଖ୍‌ତକ୍ ୩ ଦିନ୍ ଧରିକରି ଓଡ଼ିଶା ନ ଇ କାର୍ଯ୍ୟକ୍ରମ୍ ଆୟୋଜନ୍

ଲାଗି କେନ୍ଦ୍ର ସର୍କାର୍ଙ୍କର୍ ପ୍ରସ୍ତାବ୍କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ ଦେଇଛନ୍ । ପାଖାପାଖି ୫ ହଜାର୍ ପ୍ରତିନିଧି ଭାଗ୍ ନେବାର୍କେ ଥିବାର୍ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀମଣ୍ଡଲ୍ର ସଦସ୍ୟମାନ୍କର୍ ସହେତେ ମୁଖ୍ୟମନ୍ତ୍ରୀ ଆର୍ ଦେଶ୍ବିଦେଶ୍ନୁ ପ୍ରବାସୀ ଭାରତୀୟମାନେ ଯୋଗ୍ ଦେବେ । ହେତାର୍ ପ୍ରସ୍ତୁତି ବାବ୍ଦେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୧୯୧୫ ମସିହା ଜାନୁଆରୀ ୯ ତାରିଖ୍ ଦିନ ଜାତିର୍ ପିତା ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକା ନ ଭାରତ୍କେ ଫିର୍ବାର୍ ଘଟ୍ନାକେ ସୁର୍ତା କରିକରି ଗଲା ୨୦୦୩ ମସିହାନୁ ପ୍ରବାସୀ ଭାରତୀୟ ଦିବସ୍ ପାଳନ୍ କରାଯାଉଛେ । ଦେଶ୍ର ବିକାଶ୍ଥି ପ୍ରବାସୀ ଭାରତୀୟମାନ୍କର୍ ଅବଦାନ୍କେ ଗୁରୁତ୍ୱ ଦେଇକରି ଇ ଦିବସ୍ ପାଳନ୍ ହେଉଛେ ।

ମୁଖ୍ୟମନ୍ତ୍ରୀ- ହବିଷ୍ୟାଳୀ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ପୁହୁଁଚିକରି ହବିଷ୍ୟାଳୀମାନ୍କର୍ ଲାଗି କରାଯାଇଥିବା ବୃନ୍ଦାବତୀ ଶିବିରଥି ହବିଷ୍ୟାଳୀମାନ୍କୁ ଭେଟିଛନ୍ । ମୁଖ୍ୟମନ୍ତ୍ରୀ ସେମାନ୍କର୍ ସୁବିଧା ଅସୁବିଧା ବାବ୍ଦେ ପଚ୍ରା ଉଚ୍ରା

କରିଥିଲେ । ଶିବିର ପରିସରଥି ହେଇଥିବା ସଭା ନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହବିଷ୍ୟାଲୀ ମା ମାନ୍କର୍ ସୁବିଧା ଲାଗି ପ୍ରଶାସନ୍ ତର୍ଫୁ ହେଇଥିବା ବନ୍ଦୋବସ୍ତ ଥି ଖୁସି ପ୍ରକାଶ୍ କରିଥିଲେ ।

ସ୍ୱାସ୍ଥ୍ୟବୀମା ଜିଏସ୍‌ଟି ଛାଡ୍‌          ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ନାଗରିକ୍‌ମାନ୍‌କର୍ ସ୍ୱାସ୍ଥ୍ୟ ବୀମା କ୍ଷେତ୍ର ନ ଜିଏସ୍‌ଟି ପୁରା ଛାଡ୍‌ କର୍‌ବାର୍‌କେ ମନ୍ତ୍ରୀ ସ୍ତରୀୟ କମିଟି ସୁପାରିଶ୍ କରିଛେ । ଜିଏସ୍‌ଟି ପରିଷଦ୍‌କେ କରାଯାଇଥିବା ସୁପାରିଶ୍ ଅନ୍‌ସାରେ ୫ ଲାଖ୍ ଟଙ୍କାତକ୍ ସ୍ୱାସ୍ଥ୍ୟବୀମା ଆର୍ ବରିଷ୍ଠ ନାଗରିକ୍‌ମାନ୍‌କର୍ ସ୍ୱାସ୍ଥ୍ୟବୀମା ଉପ୍‌ରୁ ଜିଏସ୍‌ଟି ଛାଡ୍‌ କରାଯାଇଛେ । ହେଲେ ୫ ଲାଖ୍ ଟଙ୍କାନୁ ଅଏତ୍‌କା ଟଙ୍କାର୍ ସ୍ୱାସ୍ଥ୍ୟ ବୀମା ଉପ୍‌ରେ ଆଘର୍ ବାଗିର୍ ୧୮ ପ୍ରତିଶତ୍ ଜିଏସ୍‌ଟି ଲାଗୁ ରହେବା । ଇତାର୍‌ଛଡ଼ା ୨୦ ଲିଟର୍‌ର ପାଏନ୍ ବୁତଲ୍ ସାଇକଲ୍ ଆର୍ ନୋଟ୍‌ବୁକ୍ ଉପ୍‌ରେ ୫ ପ୍ରତିଶତ୍ ଜିଏସ୍‌ଟି କମ୍ କର୍‌ବାର୍‌କେ ମନ୍ତ୍ରୀସ୍ତରୀୟ କମିଟି ପ୍ରସ୍ତାବ୍ ଦେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ନୂଆଦିଲ୍ଲୀ ନ ବିହାର୍‌ର ଉପମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀଙ୍କର୍ ଅଧ୍ୟକ୍ଷତାଥି ଜିଏସ୍‌ଟି ବାବଦ୍ ମନ୍ତ୍ରୀ ପରିଷଦ୍‌ର ବୈଠକ୍ ହେଇଥିଲା ।

ରାଜ୍ୟ ସର୍କାର୍- ନର୍ସିଂ କଲେଜ୍ ଆର୍ଏନ୍ୟୁ/ କଟକ୍

ବଲାଙ୍ଗିର, ତାଲ୍ଚେର୍, ଯାଜ୍ପୁର୍, ବାଲେଶ୍ୱର୍, ବାରିପଦା, ପୁରୀ ଆର୍ କୋରାପୁଟ୍ ମେଡ଼ିକାଲ୍ କଲେଜ୍ ପରିସର ନ ନର୍ସିଂ କଲେଜ୍ ଖୁଲ୍ବାର୍କେ ରାଜ୍ୟସର୍କାର୍ ଥିର୍ କରିଛନ୍ । ସ୍ୱାସ୍ଥ୍ୟ ବିଭାଗ୍ନୁ ମିଲିଥିବା ସୂଚ୍ନା ଅନ୍ସାରେ ଇ ନୂଆଁ ୭ ଟା ନର୍ସିଂ କଲେଜ୍ ଖୁଲ୍ବାର୍ ଲାଗି କେନ୍ଦ୍ର ସର୍କାର୍ଙ୍କୁ ପ୍ରସ୍ତାବ୍ ପଠାଯାଇଛେ । କେନ୍ଦ୍ର ସର୍କାର୍ଙ୍କର୍ ଅନୁମତି ମିଲ୍ଲା ଉତ୍ରୁ ଇ ନୂଆଁ ନର୍ସିଂ କଲେଜ୍ମାନ୍ ଖୁଲ୍ବା । ଇନ ଜନେଇ ଦିଆଯାଇପାରେ ଯେ, ନୂଆଁ ନର୍ସିଂ କଲେଜ୍ ଖୁଲ୍ବାର୍କେ କେନ୍ଦ୍ର ସର୍କାର୍ ୬୦ ପ୍ରତିଶତ୍ ଆର୍ ରାଜ୍ୟ ସର୍କାର୍ ୪୦ ପ୍ରତିଶତ୍ ଅର୍ଥ ବ୍ୟବସ୍ଥା କର୍ବେ ।

ରାଜସ୍ୱ ମନ୍ତ୍ରୀ-ବାତ୍ୟା ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଘୂର୍ଣ୍ଣିବଳୟ ବାତ୍ୟା 'ଦାନା' ଥି ପରିବର୍ତ୍ତିତ୍ ହେବାର୍ ସମ୍ଭାବନା ଥିବାର୍ ବେଲେ ସେଥିର୍ ମୁକାବିଲା ଲାଗି ରାଜ୍ୟ ସର୍କାର୍ ସବୁ ପ୍ରକାର୍ର ପ୍ରସ୍ତୁତି କରୁଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍ ଯେ, ଏଛେନ୍ତକ୍ ଲଘୁଚାପ୍ ଗଭୀର ଅବପାତ ନାଇଁ ହେଇ । ସର୍କାର୍ ପାଣିପାଗ ବିଭାଗ୍ ସାଙ୍ଗେ ଲଗାତାର୍ ସମ୍ପର୍କଥି ଅଛନ୍ ।

ବାତ୍ୟାଥି ପ୍ରଭାବିତ୍ ହେବାର୍କେ ଥିବାର୍ ଜିଲ୍ଲାମାନ୍କର୍ ଜିଲ୍ଲାପାଲ୍ମାନ୍କୁ ପ୍ରସ୍ତୁତ୍ ରହେବାର୍କେ କୁହାଯାଇଛେ । ସେ ନିଜେ ମୁଖ୍ୟ ଶାସନ୍ ସଚିବ ଆର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍- ଏସ୍ଆର୍ସିଙ୍କର୍ ସଙ୍ଗେ ଯୋଗାଯୋଗ୍ଥି ଅଛନ୍ । ଏସ୍ସଆର୍ସି ସମ୍ଭାବ୍ୟ ଜିଲ୍ଲାର୍ ଜିଲ୍ଲାପାଲ୍ ଆର୍ ଅଲ୍ଗା ଜିଲ୍ଲାପାଲ୍ମାନ୍କର୍ ସାଙ୍ଗେ ଭିଲ୍ କଥା ହେଇଛନ୍ । ବାତ୍ୟା ଦାନାକେ ନେଇକରି ବିଲ୍କୁଲ୍ ଆତଙ୍କିତ୍ ନାଇଁ ହେବାର୍କେ ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକ୍ମାନ୍କୁ ଅନୁରୋଧ୍ କରିଛନ୍ ।

ବାତ୍ୟା ଭୁବ୍ନେଶ୍ୱର୍ ସମ୍ବାଦଦାତା

ସମ୍ଭାବ୍ୟ ବାତ୍ୟା ଦାନା ଆଏବା ଗୁରୁବାର୍ ୨୪ ତାରିଖ୍ ସକାଲ୍ତକ୍ ଲେଣ୍ଡଫଲ୍ କର୍ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ - ଆଇଏମ୍ଡି ତର୍ଫୁ ଅନୁମାନ୍ କରାଯାଇଛେ । ଆଇଏମ୍ଡ଼ିର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ ଯେ, ବାତ୍ୟା ଲେଣ୍ଡ୍ଫଲ୍ କଲାବେଲ୍କେ ଓଡ଼ିଶା ଆର୍ ପଶ୍ଚିମବଙ୍ଗ୍ର ସମୁଦ୍ରଖଁଡ଼ି ପବନ୍ର ବେଗ ଘଂଟାକ ଶହେ ନୁ ଶହେ ୨୦ କିଲୋମିଟର୍ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ବୁଧବାର୍ ଦିନ ଓଡ଼ିଶାର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍କୁ ବନିହାନ୍ ବର୍ଷା ହେଇପାରେ । ଇତାର୍ସଙ୍ଗେ

ଗୁରୁବାର୍ ଆର୍ ଶୁକ୍ରବାର୍ ରାଜ୍ୟର୍ ସବୁ ଇଲାକା ନ ବର୍ଷା ହେଇପାରେ ବଲି  ଶ୍ରୀ ମହାପାତ୍ର କହିଛନ୍ ।

ଯୋଗ ସଂସ୍ଥାନ୍- ଅପରାଜିତା ଷଡ଼ଙ୍ଗୀ   ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ପାଖର୍ ଜଟଣୀ ଠାନେ ରାଷ୍ଟ୍ରୀୟ ଯୋଗ ଆର୍ ପ୍ରାକୃତିକ ଚିକିତ୍ସା ଗବେଷଣା ସଂସ୍ଥାନ୍ ଥାପ୍ନା ହେବା । ସାଂସଦ୍ ଅପରାଜିତା ଷଡ଼ଙ୍ଗୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଇ ସୂଚ୍ନା ଦେଇଛନ୍ । ସୂଚ୍ନା ଅନ୍ସାରେ ଆଏବା ୨୯ ତାରିଖ୍ ଦିନ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସ୍ଥାନ୍ର ଶିଲାନ୍ୟାସ୍ କରିପାରନ୍ ।

ସିସିଟିଭି-ସମ୍ବଲପୁର      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ମହାନଗର୍ ନିଗମ୍ ତର୍ଫୁ ସମ୍ବଲ୍ପୁର୍ ସହରର୍ ୨୪ ଟା ଜାଗା ନ ସିସିଟିଭି କେମ୍ରା ଲାଗ୍ବା । ମହିଲାମାନ୍କର୍ ସୁରକ୍ଷା, ଚୋର୍, ତସ୍କର୍ ଆର୍ ମନଇଚ୍ଛା ଗାଡ଼ି ଚଲଉଥିବା ଲୁକ୍କୁ ଧର୍ବାର୍କେ ସିସିଟିଭି ଲଗାଯିବାର୍ ବାବ୍ଦେ ଆସୁନ୍ ଶୁନ୍ମା ଆମର୍ ଖବର୍ଦାତା  ଗୁଣମଣି ବିଶ୍ୱାଲ୍ଙ୍କର୍ ରିପୋର୍ଟ...
(ଭଏସ୍ ଓଭର୍-ସମ୍ବଲ୍ପୁର୍ ସମ୍ବାଦଦାତା)

ବର୍ଗଡ୍ ଧନୁଯାତ୍ରା          ଆର୍ଏନ୍ୟୁ / ସମ୍ବଲପୁର

୭୭ ନମ୍ବର୍ ବର୍ଗଡ୍ ଧନୁଯାତ୍ରା ମହୋତ୍ସବ୍ ଆଏବା ବଛର୍ ଜାନଆରୀ ୩ ତାରିଖ୍ନୁ ମୁଲ୍ ହେଇକରି ୧୩ ତାରିଖ୍ତକ୍ ଚାଲ୍ବା । ଗଲାକାଏଲ୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ଙ୍କର୍ ଅଧ୍ୟକ୍ଷତାଥି ହେତାର୍ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ବିଦ୍ୟୁତ୍କାଟ୍          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲାର୍ ଲପଙ୍ଗା ନ ଥିବାର୍ ଓପିଟିସିଏଲ୍ର ଶହେ ୩୨ ବାଇ ୩୩ କେଭି ଗ୍ରୀଡ୍ ଷ୍ଟେସନ୍ର ବଛର୍କିଆ ଦେଖ୍ରେଖ୍ କାମ୍ ହେବା । ହେଥିର୍ଲାଗି ଆଏବା ୨୨ ତାରିଖ୍ ମଙ୍ଗଲ୍ବାର୍ ସଖାଲର୍ ୭ ବଜୁ ଉପର୍ବେଲା ୪ ବଜାତକ୍ ଠେଲ୍କୁଲି, ଟାମ୍ପର୍କେଲା, ଖିଣ୍ଡା, ଲପଙ୍ଗା, କତର୍ବଗା, ରେଙ୍ଗାଲି, ଗୁଲାମାଲ୍, ବାସୁପାଲି, ଗୁମ୍ଲେଇ, କୁସୁମ୍ଡିହି, ତଲାବିରା, ବୁଧିଆପାଲି, ପତ୍ରାପାଲି, ମାତ୍ଲୁକେମ୍ପ, ରାମ୍ପୁର୍, ଶରଧାପାଲି ଆର୍ ହେତାର୍ ଆଖର୍ପାଖର୍ ଇଲାକାକେ ବିଜ୍ଲି ଯୋଗାଣ ବନ୍ଦ୍ ରହେବା ବଲି ଟିପିଡବ୍ଲୁଓଡିଏଲ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ର ରାଜା ଆର୍ତତ୍ରାଣ ହାଇସ୍କୁଲ୍‌ପଡ଼ିଆନ ଆଏଜ୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍ଫୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ୍ ହେଇଯାଇଛେ । ହେଥି ଜିଲ୍ଲାର୍ ୩ ଟା ଯାକ ଶିଶୁ ଯତ୍ନ କେନ୍ଦ୍ରର୍ ଅନ୍ତେବାସୀ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ଭିନ୍ ଭିନ୍ ଦୌଡ଼କୁଦ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ସୁବର୍ଣ୍ଣପୁର୍ ଆଇଟିଆଇ-ସମାବର୍ତନ୍ ସମାରୋହ ହି.ସ.

ସୁବର୍ଣ୍ଣପୁର୍ ସର୍କାରୀ ଆଇଟିଆଇର ସମାବର୍ତନ୍ ସମାରୋହ ହେଇଯାଇଛେ । ହେଥି ୬ ଟା ଟ୍ରେଡ୍‌ର ୪ ଶହ ଛାତ୍ରଛାତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ଟ୍ରେଡ୍‌ର ୧୮ ଝନ୍ ଟପ୍ପର୍‌ଙ୍କୁ ପ୍ରମାଣ୍‌ପତ୍ର ଆର୍ ଟ୍ରଫି ଦିଆଯାଇଥିଲା ।

ବନ କର୍ମଚାରୀ ଜାତୀୟ କ୍ରୀଡ଼ା ଉତ୍ସବ ନୂଆପଡ଼ା ସମ୍ବାଦଦାତା

ସର୍ବଭାରତୀୟ ବନ କର୍ମଚାରୀ ଜାତୀୟ କ୍ରୀଡ଼ା ଉତ୍ସବ୍‌ଥି ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡର ଫରେଷ୍ଟର୍ ଖଗେଶ୍ୱର ମାଝୀ ୪ ଶହ ମିଟର୍ ରିଲେ ଦୌଡ଼ଥି ଦ୍ୱିତୀୟ

ହେବାର୍ ଗୌରବ୍ ଆନିଛନ୍ । ହେଥିର୍‌ଲାଗି ତାହାକୁ ବନଖଣ୍ଡ ଅଧିକାରୀ ଆର୍ ବାକି କର୍ମଚାରୀମାନେ ଶୁଭେଚ୍ଛା ଜନେଇଛନ୍ ।

ରଣ୍‌ଜୀ ଟ୍ରଫି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍‌ର ବାରବାଟୀ ଷ୍ଟାଡ଼ିୟମ୍ ନ ଓଡ଼ିଶା ଆର୍ ଜାମ୍ମୁ କାଶ୍ମୀର୍ ଭିତ୍‌ରେ ଚାଲିଥିବା ରଣଜୀ ଟ୍ରଫି ମେଚ୍‌ର ୩ ନମ୍ବର୍ ଦିନେ ଆଏଜ୍ ଓଡ଼ିଶା ଦଲ୍ ସବୁ ଓ୍ୱିକେଟ୍ ହରେଇକରି ୨ ଶହ ୭୨ ରନ୍ କରିଥିଲା । ଓଡ଼ିଶା ଦଲ୍ ତର୍‌ଫୁ ସବୁନୁ ଜହ ଗୋବିନ୍ଦ ପୋଦ୍ଦାର୍ ଶହେ ୩୩ ରନ୍ କରିକରି ନଟ୍‌ଆଉଟ୍ ରହିଥିଲେ । ଆଝିର୍ ଦିନର୍ ଖେଲ୍ ଶେଷ୍‌ତକ୍ ଜାମ୍ମୁ କାଶ୍ମୀର୍ ତାର୍ ୨ ନମ୍ବର୍ ଇନିଂସ୍ ଆରମ୍ଭ୍ କରିକରି ୪ ଓ୍ୱିକେଟ୍ ହରେଇକରି ଶହେ ୫୫ ରନ୍ କରିଛେ ।